## ୮ ମାସହେଲା ସୌର ଜଳ ପ୍ରକଳ୍ପ ଅଚଳ

# ପାହାଡ଼ ଉପରେ ହନ୍ତସନ୍ତ ୩୦ ପରିବାର

ତିଗିରିଆ, ୨୫।୩(ସମିସ)



ଗ୍ରୀଷ୍ମ ପୂର୍ବରୁ ତିଗିରିଆ ବ୍ଲକରେ ପାନୀୟଜଳର ଉତ୍କଟ ସଙ୍କଟ ଦେଖାଦେଇଛି। ଗଦାଧରପୁର ପଞ୍ଚାୟତ ଅନ୍ତର୍ଗତ କଳିବିରି ଗ୍ରାମର ପାହାଡ଼ସ୍ଥିତ ମୁଣ୍ଡିଆସାହିରେ ଥିବା ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ ଦୀର୍ଘ ୮ ମାସ ଧରି ଅଚଳ ହୋଇ ପଡ଼ିରହିଥିବାରୁ ସ୍ଥାନୀୟ ଜନସାଧାରଣ ପାନୀୟଜଳ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭାଗୀୟ ଅଧିକାରୀଙ୍କଠାରୁ ଆରମ୍ଭ କରି ସରକାରଙ୍କ ଟୋଲ୍ ଫ୍ରି ନମ୍ବର ପର୍ଯ୍ୟନ୍ତ ସବୁଠି ଅଭିଯୋଗ କରିବା ସତ୍ତ୍ୱେ କୌଣସି ସୁଫଳ ନ ମିଳିବା ପ୍ରଶାସନିକ ଅବହେଳାକୁ ସ୍ପଷ୍ଟ କରୁଛି। କଳିବିରି ଗ୍ରାମର ମୁଣ୍ଡିଆସାହିଟି ଏକ ପାହାଡ଼ିଆ ଅଞ୍ଚଳରେ ଅବସ୍ଥିତ ହୋଇଥିବାରୁ ଏଠାରେ ଭୂତଳ ଜଳସ୍ତର ଅତ୍ୟନ୍ତ ନିମ୍ନଗାମୀ। ସାହିରେ କୌଣସି କୂଅ କିମ୍ବା ନଳକୂପ ନ ଥିବାରୁ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ପରିବାର ସମ୍ପୂର୍ଣ୍ଣ ଭାବେ ଏହି ସୌରଚାଳିତ ପ୍ରକଳ୍ପ ଉପରେ ନିର୍ଭର କରନ୍ତି। ମାତ୍ର ପ୍ରକଳ୍ପଟି ୮ ମାସ ହେଲା ଖରାପ ହୋଇ ପଡ଼ିରହିଥିବାରୁ ଲୋକେ ଏବେ ପାଣି ପାଇଁ ତହଲବିକଳ ହେଉଛନ୍ତି। ପାଇପ୍ ଯୋଗେ ଯେଉଁ ସୀମିତ ପାଣି ଦିଆଯାଉଛି, ସେଥିପାଇଁ ଗରା ଓ ବାଲ୍ଟି ଧରି ଘଣ୍ଟା ଘଣ୍ଟା ଧରି ଲମ୍ବା ଧାଡ଼ିରେ ଛିଡ଼ା ହେବାକୁ ପଡୁଛି। ଆଗକୁ ପ୍ରଖର ଖରା ଦିନ ଆସୁଥିବାରୁ ଏବଂ ଜଳସ୍ତର ଆହୁରି ତଳକୁ ଖସିବା ସମ୍ଭାବନା

### ଅଭିଯୋଗ ଶୁଣୁନି ପ୍ରଶାସନ

ଥିବାରୁ ଜଳ ସଙ୍କଟ ଭୟାବହ ରୂପ ନେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଏ ସମ୍ପର୍କରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗର ଯନ୍ତ୍ରୀ ନଗେଶ ପ୍ରଧାନଙ୍କୁ ପଚାରିବାରୁ ସେ ଯଥାଶୀଘ୍ର ମରାମତି କାର୍ଯ୍ୟ କରାଯିବ ବୋଲି ଆଶ୍ୱାସନା ଦେଇଛନ୍ତି। ମାତ୍ର ପ୍ରଶାସନିକ ପ୍ରତିଶ୍ରୁତି ପାଣିର ଗାର ସଦୃଶ ହୋଇଥିବାରୁ ସାହିବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଯଥାଶୀଘ୍ର ଏହି ସୌରଚାଳିତ ପ୍ରକଳ୍ପର ମରାମତି କରି ଜଳଯୋଗାଣ ସ୍ୱାଭାବିକ କରିବାକୁ ଅଞ୍ଚଳବାସୀ ଦୃଢ଼ ଦାବି କରିଛନ୍ତି।

## ପ୍ରାଚୀ ସାହିତ୍ୟ ସମିତିର ବସନ୍ତ ଉତ୍ସବ

**ନିଆଳି, ୨୫।୩(ସମିସ):** ପ୍ରାଚୀ ସାହିତ୍ୟ ସମିତିର ଆୟୋଜନରେ ବସନ୍ତ ଉତ୍ସବ ଓ କବି ସମ୍ମିଳନୀ ଶ୍ରୀରାଧାକାନ୍ତ ମଠ ନୂଆଗାଁରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଡ. ତ୍ରିନାଥ ପଟ୍ଟନାୟକଙ୍କ ସଭାପତିତ୍ୱ କରିଥିବା ବେଳେ ଭଞ୍ଜ ସାହିତ୍ୟର ବିରିଷ୍ଠ ପ୍ରବକ୍ତା ଇଂ ଡା ଲଡୁକିଶୋର ପଡ଼ିଆରୀ ମୁଖ୍ୟଅତିଥି, ବରିଷ୍ଠ ସାମ୍ବାଦିକ ନାରାୟଣଚନ୍ଦ୍ର ବେହେରା, ମୁଖ୍ୟବକ୍ତା ବିଶିଷ୍ଟ ଶିଶୁ ସାହିତ୍ୟିକା ତନୟା ଦାସ ଗୋସ୍ୱାମୀ, ମଧୁରୀ ଭାରତୀର ସମ୍ପାଦିକା ଜୟନ୍ତୀ ପଡ଼ିଆରୀ, ମହନ୍ତ ଦିବ୍ୟକୃଷ୍ଣ ଦାସ, ଡା. ଅଧିରାଜ ପରିଡ଼ା, ଡା. ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ସମ୍ପାଦକ ସାହିତ୍ୟିକ କାର୍ତ୍ତିକଚନ୍ଦ୍ର ଷଡଙ୍ଗୀ ଅତିଥିଙ୍କ ପରିଚୟ ପ୍ରଦାନ ସହ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମ ସଞ୍ଚାଳନ ସଂଗଠନର ସମ୍ପାଦକ ଆଇନଜୀବୀ ଅବ୍ଦୁଲ ବାରୀ କରିଥିଲେ। ସ୍ୱାଗତ ସଙ୍ଗୀତ ଭାନୁମତି ବେହେରା ଗାନ କରିଥିବା ବେଳେ ଦେବେନ୍ଦ୍ର ସେନାପତି ଧନ୍ୟବାଦ ଦେଇଥିଲେ। ୩୩ ଜଣ କବି ବସନ୍ତ ଉପରେ ସ୍ୱରଚିତ କବିତା ପାଠ କରିଥିଲେ। ସେମାନଙ୍କୁ ପ୍ରତିଭା ସମ୍ମାନ ପତ୍ର ପ୍ରଦାନ କରାଯାଇଥିଲା। 'ଅସୀମା' ପ୍ରତିକା ଓ କବି ସର୍ବେଶ୍ୱର ପରିଡ଼ାଙ୍କ କବିତା ସଂକଳନ 'ସିନ୍ଦୁର' ଲୋକାର୍ପିତ



ହୋଇଥିଲା। ଲେଖିକା ଜ୍ୟୋତ୍ସ୍ନା ସିଂହ, ଲେଖକ ଦ୍ୱିଜବର ନାୟକ, ପ୍ରାଚୀ ଗବେଷକ ହଂସନାଥ ସାହୁ, ଗୀତିକବି ପ୍ରଣତି ମହାପାତ୍ର, ଔପନ୍ୟାସିକା ମନୀଷା ମଞ୍ଜରୀ ସାହୁ, କବୟିତ୍ରୀ ସବିତା ନାୟକ, ସାମ୍ବାଦିକ ପ୍ରକାଶ ନନ୍ଦ, ଅଧ୍ୟାପିକା ଡ. ସସ୍ମିତା ନାୟକ, ଲେଖିକା ପୁଷ୍ପା ପରିଡ଼ା, ସଞ୍ଜୟ ପାତ୍ର, ଶୁଭ୍ରାଂଶୁ ସ୍ୱାଇଁ, ବଟକୃଷ୍ଣ ସ୍ୱାଇଁ ଯୋଗଦାନ କରିଥିଲେ।

## ଟାଙ୍ଗୀ ଅଞ୍ଚଳରେ ବାସନ୍ତିକ ଦୁର୍ଗାପୂଜା



**ଟାଙ୍ଗୀ, ୨୫।୩(ସମିସ):** ଟାଙ୍ଗୀ ଅଞ୍ଚଳର ବିଭିନ୍ନ ପୂଜା ମଣ୍ଡପରେ ବାସନ୍ତିକ ଦୁର୍ଗାପୂଜା ଯଥାରୀତି ଆରମ୍ଭ ହୋଇଛି। ବିଲ୍ୱବରଣ ଓ ଘଟସ୍ଥାପନ ପରେ ମଙ୍ଗଳବାର ଷଷ୍ଠୀ ଏବଂ ବୁଧବାର ସପ୍ତମୀ ପୂଜା ମହାସମାରୋହରେ ଆୟୋଜିତ ହୋଇଛି। ଏହି ଉପଲକ୍ଷେ କୋଟସାହି ପଞ୍ଚାୟତ କନ୍ଦରକଣା ଓ ଟାଙ୍ଗୀ ମେଡ଼ିକାଲ ଛକ ସମେତ କହ୍ନେଇପୁର ପଞ୍ଚାୟତ କନକଗିରି, ସଫା ଏବଂ ଭଟିମୁଣ୍ଡା ପଞ୍ଚାୟତ ଉତ୍ସବମୁଖର ହୋଇଉଠିଛି।

## କାଳରାତ୍ରି ବେଶରେ ମା' ବୁଢ଼ୀ ମଙ୍ଗଳା



**ତିଗିରିଆ, ୨୫।୩(ସମିସ):** ତିଗିରିଆ ବ୍ଲକ ବିନ୍ଧାଣିମା ପଞ୍ଚାୟତର ଆରାଧ୍ୟ ଠାକୁରାଣୀ ମା' ବୁଢ଼ୀ ମଙ୍ଗଳାଙ୍କ ପୀଠରେ ଚାଲିଥିବା ବାସନ୍ତୀକ ଦୁର୍ଗାପୂଜାର ବୁଧବାର ସପ୍ତମ ଦିବସରେ ମା' ଆଜି ନିଜର ଭକ୍ତମାନଙ୍କୁ କାଳରାତ୍ରି ବେଶରେ ଦର୍ଶନ ଦେଇଛନ୍ତି। ଏହି ଅବସରରେ ମା'ଙ୍କ ପୀଠରେ ପାରମ୍ପରିକ ରୀତିନୀତି ଅନୁଯାୟୀ ବିଭିନ୍ନ ନୀତି ସମ୍ପନ୍ନ ହୋଇଥିଲା। ସନ୍ଧ୍ୟାରେ ମା'ଙ୍କ ପୀଠରେ ଭଜନ, କୀର୍ତ୍ତନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

## ଧୂପକାଠି ପ୍ରସ୍ତୁତି କ୍ଷୁଦ୍ରଶିଳ୍ପ ଉଦ୍‌ଘାଟିତ



**ଆଠଗଡ଼, ୨୫।୩(ସମିସ):** ଆଠଗଡ଼ ଅଶୋକନଗର ଅଞ୍ଚଳର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଶୁଭଲକ୍ଷ୍ମୀ-ଶୁଭଙ୍କର ପରିସରରେ ମହିଳାଙ୍କ ହାତକୁ କାମ ଯୋଗାଇଦେବା ନିମନ୍ତେ ଅତ୍ୟାଧୁନିକ ଧୂପକାଠି ପ୍ରସ୍ତୁତି କ୍ଷୁଦ୍ରଶିଳ୍ପ ବୁଧବାର ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ସମବାୟବିତ ତଥା ସମାଜସେବୀ ଲଳିତେନ୍ଦୁ ସେନାପତିଙ୍କ ଉଦ୍ୟମରେ ଏହି ଶିଳ୍ପ ପ୍ରତିଷ୍ଠା ହୋଇଛି। ଏହି ସଂସ୍ଥାରେ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ମହିଳା ଧୂପକାଠି ପ୍ରସ୍ତୁତିରେ ନିୟୋଜିତ ହୋଇଛନ୍ତି। ଆଗାମୀ ଦିନରେ ଆହୁରି ଅନେକ ସାମଗ୍ରୀ ପ୍ରସ୍ତୁତ କରାଯାଇ ଆଠଗଡ଼ ତଥା ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରସ୍ତୁତି ସାମଗ୍ରୀ ବିକ୍ରୟ କରିବାକୁ ସଂସ୍ଥା ପକ୍ଷରୁ କୁହାଯାଇଛି।

## କୃଷି ସେବା ସମବାୟ ସମିତିର ସାଧାରଣ ସଭା



**ତିଗିରିଆ, ୨୫।୩(ସମିସ):** ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣା ପଞ୍ଚାୟତସ୍ଥିତ ନୂଆପାଟଣା ପ୍ରାଥମିକ କୃଷି ସେବା ସମବାୟ ସମିତିର ୨୦୨୬ ଆର୍ଥିକ ବର୍ଷର ବାର୍ଷିକ ସାଧାରଣ ସଭା ମଙ୍ଗଳବାର ସମିତି ଗୃହରେ ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ଧ୍ରୁବଚରଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ସମ୍ପାଦକ ଚନ୍ଦନ ଜେନା ବାର୍ଷିକ ବିବରଣୀ ସହିତ ଆୟ ବ୍ୟୟର ହିସାବ ପ୍ରଦାନ କରିବା ସହିତ ବର୍ଷ ୨୦୨୭ ପାଇଁ ସମିତିର ଖସଡ଼ା ପ୍ରଦାନ କରିଥିଲେ। ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ନୂଆପାଟଣାର ଶାଖା ପରିଚାଳକ ରମେଶ ସାହୁ, ନୂଆପାଟଣାର ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ଦତ୍ତ, ମହେନ୍ଦ୍ର କୁଣ୍ଡୁ, ଭୋଗଡ଼ା ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଅରୁଣ ନାୟକ, ସମିତି ପରିଚାଳନା ପରିଷଦ ସଭ୍ୟ ସାହାଦତ ଖାଁ, ରବୀନ୍ଦ୍ର ଜେନା, ପୀତବାସ ବେହେରା, ପ୍ରଦୀପ ସାଥୁଆ, ରବୀନ୍ଦ୍ର ପାଣିଗ୍ରାହୀ, ସଞ୍ଜୟ କର, ଅରୁଣ ମହାପାତ୍ରଙ୍କ ସହିତ ସମିତି ଅଧୀନରେ ଥିବା ୩ ପଞ୍ଚାୟତର ଅନ୍ୟାନ୍ୟ ପଞ୍ଜିକୃତ ଚାଷୀ ଉପସ୍ଥିତ ଥିଲେ।

## ବିଦ୍ୟାଳୟର ବାର୍ଷିକ ଉତ୍ସବ

**କଣ୍ଟାପଡ଼ା, ୨୫।୩(ସମିସ):** କଣ୍ଟାପଡ଼ାସ୍ଥିତ ପିଏମଶ୍ରୀ ବିଏମ ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ୪୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସ୍ମିତାରାଣୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଧାୟକ ଛବି ମଲିକ, କଣ୍ଟାପଡ଼ା ପଞ୍ଚାୟତ ସରପଞ୍ଚ ନିର୍ମଳ ସାହୁ, ମଣ୍ଡଳ ଶିକ୍ଷାଧିକାରୀ ରବୀନ୍ଦ୍ର ସାହୁ, ସମିତିସଭ୍ୟ ପବିତ୍ରମୋହନ ସ୍ୱାଇଁ, ପରିଚାଳନା କମିଟି ସଭାପତି ମନସୁର ଅଲୀ ସା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ବାର୍ଷିକ ମୁଖପତ୍ର ବିଜୟଶ୍ରୀ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଦେବାଶିଷ କର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲାବେଳେ ରାଜାରଞ୍ଜନ ଦାସ, ପ୍ରଭାତୀ ଆଚାର୍ଯ୍ୟ ଓ ସମସ୍ତ ଶିକ୍ଷକ, ଶିକ୍ଷିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ନୃତ୍ୟ ସଙ୍ଗୀତ ପରିବେଷଣ ହୋଇଥିଲା।



## ବେଆଇନ କାଠ ଚିରଟ ବେଳେ ଚଢ଼ଉ

● ବିପୁଳ ଶାଗୁଆନ କାଠ ଜବତ

**ଆଠଗଡ଼, ୨୫।୩(ସମିସ):** ଆଠଗଡ଼ ବନାଞ୍ଚଳ ଅଧୀନ ସମସରପୁର ପଞ୍ଚାୟତର ବୁଢ଼ିଆପାଟଣା ଗ୍ରାମର ଏକ ଗୋଚର ଜମିରେ କାଠ ଚିରଟ ଚାଲିଥିବା ବେଳେ ମଙ୍ଗଳବାର ବନାଞ୍ଚଳ କର୍ମଚାରୀମାନେ ଅତର୍କିତ ଚଢ଼ଉ କରିଥିଲେ। କାଠ ଚିରଟ କରୁଥିବା ବ୍ୟକ୍ତିମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ବନ କର୍ମଚାରୀମାନେ ସେଠାରୁ ୪ଟି ବଡ଼ ଶାଗୁଆନ ଗଛର ଲଗ୍ (କାଠ ଗଣ୍ଡି) ସହିତ କାଠ କଟା ହେଉଥିବା ଏକ ହାତ କରତ ଜବତ କରିଛନ୍ତି। ଏହି ଚଢ଼ାଉରେ ବନପାଳ ଆଶିଷ ନାୟକ, ବନରକ୍ଷୀ ପ୍ରିୟମ୍ବଦା ମହାନ୍ତି ଓ ପ୍ରଶାନ୍ତ କୁମାର ବେହେରାଙ୍କ ସମେତ ଅନ୍ୟ ବନ କର୍ମଚାରୀମାନେ ସାମିଲ ଥିଲେ। ଜବତ କାଠର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଜଣାପଡ଼ିଛି। ବର୍ତ୍ତମାନ ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ବନ ବିଭାଗ ତଦନ୍ତ ଜାରି ରଖିଛି।



## ଗୀତାଯଜ୍ଞ ଓ ପ୍ରବଚନ ଉଦ୍‌ଯାପିତ

**ତିଗିରିଆ, ୨୫।୩(ସମିସ):** ତିଗିରିଆ ବ୍ଲକ ଅଧୀନ ନୂଆପାଟଣା ଗ୍ରାମର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ରାମେଶ୍ୱର ମହାଦେବଙ୍କ ପୀଠରେ ୫ ଦିନ ଧରି ଚାଲିଥିବା ୩୦ତମ ବାର୍ଷିକ ଗୀତାଯଜ୍ଞ ଓ ପ୍ରବଚନ କାର୍ଯ୍ୟକ୍ରମ ମଙ୍ଗଳବାର ପୂର୍ଣ୍ଣାହୁତି ସହ ଉଦଯାପିତ ହୋଇଯାଇଛି। ଏହି ଅବସରରେ ରାମେଶ୍ୱର ସେବା ସଂଘର ସଦସ୍ୟଙ୍କ ତରଫରୁ ଗରିବ ଲୋକଙ୍କୁ ନୂତନ ବସ୍ତ୍ର ଓ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଯଜ୍ଞରେ ନୂଆପାଟଣା ଅଞ୍ଚଳ ସମେତ ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଆସି ଯଜ୍ଞ ନାରାୟଣ ଦେବଙ୍କ ଆଶୀର୍ବାଦ ଲାଭ କରିଥିଲେ।



## ଯନ୍ତାରେ ଆତଙ୍କ ସୃଷ୍ଟିକାରୀ ମାଙ୍କଡ଼

**ତିଗିରିଆ/ଆଠଗଡ଼, ୨୫।୩(ସମିସ):** ଆଠଗଡ଼ ବନଖଣ୍ଡ ରାଜନଗର ଗ୍ରାମରେ ସୁଲୋଚନା ସାହୁଙ୍କୁ ମାଙ୍କଡ଼ ଛାତରୁ ଠେଲି ମାରିବା ଘଟଣାରେ ବୁଧବାର ସମ୍ପୃକ୍ତ ମାଙ୍କଡ଼କୁ କାବୁ କରିବା ପାଇଁ ରାଜନଗର ଗ୍ରାମରେ ବନବିଭାଗର ଗୋଟିଏ ଟିମ୍ ସହ କପିଳାସର ଗୋଟିଏ ଟ୍ରାଙ୍କୁଲାଇଜର ଟିମ୍ ପହଞ୍ଚି ଦୀର୍ଘ ୧୮ ଘଣ୍ଟାର ପରିଶ୍ରମ ପରେ କାବୁ କରିବାରେ ସଫଳ ହୋଇଥିବା ଅତିରିକ୍ତ ବନଖଣ୍ଡ ଅଧିକାରୀ ମନୋଜ ପାତ୍ର ସୂଚନା ଦେଇଛନ୍ତି। ମାଙ୍କଡ଼ଟିର ଚିକିତ୍ସା ପରେ କପିଳାସ ଜଙ୍ଗଲରେ ଛଡ଼ାଯିବ ବୋଲି ସୂଚନା ଦେଇଛନ୍ତି। ଗତ ରବିବାର ଅପରାହ୍ନରେ ଆଠଗଡ଼ ଥାନା ଅନ୍ତର୍ଗତ ରାଜନଗର ଗ୍ରାମରେ ମାଙ୍କଡ ଆକ୍ରମଣରେ ଗ୍ରାମର ଅଭିରାମ ସାହୁଙ୍କ ସ୍ତ୍ରୀ ସୁଲୋଚନା (୬୧) ଛାତ ଉପରକୁ ଯାଇଥିବା ବେଳେ ତାଙ୍କୁ ଏକ ମାଙ୍କଡ ଆକ୍ରମଣ କରିଥିଲା। ଫଳରେ ସେ ଛାତ ଉପରୁ ତଳକୁ ଖସି ପଡ଼ିଥିବା ଜଣାପଡ଼ିଛି। ଗୁରୁତର ଅବସ୍ଥାରେ ତାଙ୍କୁ ଡାକ୍ତରଖାନା ଅଣାଯିବା ପରେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



## ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ

**ନିଶ୍ଚିନ୍ତକୋଇଲି, ୨୫।୩(ସମିସ):** ବରାଦୋ ରଥଦାଣ୍ଡ ପ୍ରାଙ୍ଗଣରେ ରାଜ୍ୟ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ସଂସ୍ଥା ଆନୁକୂଲ୍ୟରେ ୧୩ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶିବିରରେ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ୩୦ ଜଣ ଉଦ୍ୟୋଗୀ ମହିଳା କାଗଜରେ ତିଆରି ହୋଇଥିବା ବିଭିନ୍ନ ପ୍ରକାର ପେପର କଭର, ଲଫାପା, ନିମନ୍ତ୍ରଣ ପତ୍ରର ଡିଜାଇନ ଏବଂ ଫାଇଲ ଆଦି ତିଆରି କରିବା କୌଶଳ ସଂକ୍ରାନ୍ତରେ ପ୍ରଶିକ୍ଷଣ ନେଇଛନ୍ତି। ଆରଏସଟିର ନିର୍ଦ୍ଦେଶିକା ଭୁବନେଶ୍ୱରୀ ରଥ ଏବଂ ସଂଯୋଜିକା କାଜଲ ରାଣୀଶ୍ୱରଙ୍କ ତତ୍ତ୍ୱାବଧାନରେ ଏହି ଶିବିରରେ ପ୍ରଶିକ୍ଷକ ଭାବେ ସନ୍ଧ୍ୟାରାଣୀ ଶତପଥୀ ଯୋଗ ଦେଇଥିଲେ।



## ନିମାପଡ଼ାରେ ଭାଗବତ ପ୍ରତିନିଧି ସମ୍ମିଳନୀ

**ଚୌଦ୍ୱାର, ୨୫।୩(ସମିସ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ହରିଅନ୍ତା ପଞ୍ଚାୟତର ନିମାପଡ଼ା ଭାଗବତ ପ୍ରକୋଷ୍ଠରେ ଭାଗବତ ପ୍ରତିନିଧିଙ୍କ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଭାଗବତ ପ୍ରଚାର ସମିତି ସଭାପତି ସିଦ୍ଧେଶ୍ୱର ନାୟକଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମକୁ ସିଦ୍ଧଗିରି ପୀଠ ମହନ୍ତ ବିଶ୍ୱନାଥ ମହାରାଜ ଉଦ୍‌ଘାଟନ କରିଥିଲେ। ରୋଟାରିଆନ ବିଶ୍ୱନାଥ ପଣ୍ଡା, ବିଷ୍ଣୁଚରଣ ପରିଡ଼ା, ପ୍ରକାଶଚନ୍ଦ୍ର ବଡ଼ଜେନା, ସୁରେନ୍ଦ୍ରନାଥ ଷଡ଼ଙ୍ଗୀ, ହୃଷୀକେଶ ମହାନ୍ତି, ପରମାନନ୍ଦ ସାହୁ, ଅଶୋକ ନାୟକଙ୍କ ସମେତ ବିଭିନ୍ନ ପଞ୍ଚାୟତର ଭାଗବତ ପ୍ରତିନିଧି ଓ ଭାଗବତପ୍ରେମୀ ଯୋଗ ଦେଇଥିଲେ। ଅକ୍ଷୟ ପାଢ଼ୀ ବେଦ ଆବୃତ୍ତି କରିଥିଲେ ଏବଂ ବିଭିନ୍ନ ସଂକୀର୍ତ୍ତନମଣ୍ଡଳୀ ତରଫରୁ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ମାନସ ସାହୁ ଧନ୍ୟବାଦ ଦେଇଥିଲେ।



## ଗୋପବନ୍ଧୁ ପ୍ରିମିୟର ଲିଗ କ୍ରିକେଟ ଉଦ୍‌ଯାପିତ; ଆମ୍ବିସନ ଲିଜେଣ୍ଡ ଚାମ୍ପିଅନ




**ଚୌଦ୍ୱାର, ୨୫।୩(ସମିସ):** ଓଟିଏମ କଲୋନୀସ୍ଥିତ ଗୋପବନ୍ଧୁ ଖେଳ ପଡ଼ିଆରେ ଆୟୋଜିତ ଗୋପବନ୍ଧୁ ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଦୀର୍ଘ ୩ଦିନ ବ୍ୟାପି ଅନୁଷ୍ଠିତ ଏହି ଫ୍ଲଡ଼ ଲାଇଟ ଟୁର୍ଣ୍ଣାମେଣ୍ଟରେ ଅଞ୍ଚଳର ମୋଟ ୮ଟି କ୍ରିକେଟ ଟିମ୍ ଅଂଶଗ୍ରହଣ କରିଥିଲେ। ଆମ୍ବିସନ୍ ଲିଜେଣ୍ଡ ଓ ଡିଜେ ଟାଇଗର ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଆମ୍ବିସନ୍ ୭ ୱିକେଟରେ ବିଜୟୀ ହୋଇ ପ୍ରତିଯୋଗିତାରେ ଚାମ୍ପିଅନ ହୋଇଥିଲା। ଟୁର୍ଣ୍ଣାମେଣ୍ଟରେ ବିଜେନ୍ଦ୍ର ସ୍ୱାଇଁ ମ୍ୟାନ୍ ଅଫ ସିରିଜ୍, ବିଦୁର ବେହେରା ଶ୍ରେଷ୍ଠ ବ୍ୟାଟସ୍‌ମ୍ୟାନ୍ ଓ ସାର୍ଥକ ମହାନ୍ତି ଶ୍ରେଷ୍ଠ ବୋଲର ଭାବେ ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଶିକ୍ଷାବିତ୍ ତ୍ରିଦେବ ବେହେରା, ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ୟୁଏମ୍‌ଏସ୍‌ଏଲର ବରିଷ୍ଠ ଅଧିକାରୀ ଭାଗବତ ସାହୁ, କ୍ରୀଡ଼ାବିତ ରାକେଶ ପଣ୍ଡା, କାଉନସିଲର ଆଶୁତୋଷ ଦାସ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଭାଗ୍ୟପ୍ରସାଦ ବାରିକ, ଦେବାଶିଷ ରାଉତରାୟ, ୟୁ ସତିଶ ରାଓ, ରୋହିତ ସ୍ୱାଇଁ, ଜଗନ୍ନାଥ ବେହେରା, ବିଶ୍ୱଜିତ ଭଞ୍ଜ, ଅର୍ଜୁନ ପଣ୍ଡା, ସତ୍ୟ ନାୟକ, ଆଶିଷ ରାଉତରାୟ, କ୍ଷୀରୋଦ ରାଉତରାୟ, ଅମିତ ବେଉରା ପରିଚାଳନା କରିଥିଲେ।

## ଜମି କିସମ ବିବାଦ ଯୋଗୁଁ ବିକାଶ ବାଧାପ୍ରାପ୍ତ

# ଅଧାରେ ଅଟକିଛି ଗିରିଧାରୀ ମଠ ରାସ୍ତା

କିଶନନଗର, ୨୫।୩(ସମିସ)

କଟକ ଜିଲ୍ଲା କିଶନନଗର ଅଞ୍ଚଳର ଅନ୍ୟତମ ପ୍ରାଚୀନ ଐତିହ୍ୟ ଗିରିଧାରୀ ମଠକୁ ସଂଯୋଗ କରୁଥିବା ରାସ୍ତା ଏବେ ବିଭାଗୀୟ ଅବହେଳା ଓ ଜମି କିସମ ବିବାଦ ଯୋଗୁଁ ମରଣଯନ୍ତା ପାଲଟିଛି। ମହାନଦୀ ବନ୍ଧ ଠାରୁ ଗରାଣୁଣୀ ଭାୟା ଗିରିଧାରୀ ମଠ ପର୍ଯ୍ୟନ୍ତ ଲମ୍ବିଥିବା ଏହି ରାସ୍ତାଟି ପ୍ରାୟ ୫ଶହ ବର୍ଷରୁ ଅଧିକ ପୁରୁଣା ହୋଇଥିବା ବେଳେ ଏବେ ଏହାର ଉନ୍ନତୀକରଣ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡ଼ିରହିଛି। ଫଳରେ ଗିରିଧାରୀ ମଠ ଓ ହରିହର ପୀଠକୁ ଯାଉଥିବା ଶ୍ରଦ୍ଧାଳୁଙ୍କ ସମେତ ଆଖପାଖ ଅଞ୍ଚଳର ଗ୍ରାମବାସୀ ଯାତାୟାତ ପାଇଁ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏହି ରାସ୍ତାର ଇତିହାସ ବେଶ୍ ପୁରୁଣା। ପ୍ରଥମେ ଏହା ଏକ ପାଦଚଲା ରାସ୍ତା ଥିଲା, ଯାହାକୁ ସ୍ଥାନୀୟ ଲୋକେ ମଠ ଦର୍ଶନ ସହିତ ମହାନଦୀ କୂଳରେ ଥିବା ମଶାଣିକୁ ଶବ ସଂସ୍କାର ପାଇଁ ଯିବାକୁ ବ୍ୟବହାର କରୁଥିଲେ। ସ୍ୱାଧୀନତା ପରେ ଏହି ରାସ୍ତାର ବିଭିନ୍ନ ସମୟରେ ସଂସ୍କାର କରାଯାଇଥିଲା ଏବଂ ୧୯୮୫ ମସିହାରୁ ଏହାକୁ ପିଚୁ ଓ ଢଳେଇ ରାସ୍ତାରେ ପରିଣତ କରିବାକୁ ଯୋଜନା ହୋଇଥିଲା। ଏହି କ୍ରମରେ କଲଭର୍ଟ ଓ କେନାଲ ଉପରେ ପୋଲ ନିର୍ମାଣ ମଧ୍ୟ ଶେଷ ହୋଇଥିଲା। ପ୍ରାୟ ୪ ବର୍ଷ ପୂର୍ବେ ଗ୍ରାମ୍ୟ ଉନ୍ନୟନ ବିଭାଗ ଏହି ରାସ୍ତାର ଆଧୁନିକୀକରଣ କାର୍ଯ୍ୟ ହାତକୁ ନେଇଥିଲା। ମାତ୍ର ୨ ବର୍ଷ ହେଲା କିଛି ଅଂଶ ଢଳେଇ ହୋଇଥିବା ବେଳେ ବାକି ଅଂଶର ପିଚୁ କାମ ସମ୍ପୂର୍ଣ୍ଣ ବନ୍ଦ ହୋଇପଡ଼ିଛି। ପିଚୁ ପାଇଁ ବିଛାଯାଇଥିବା ମେଟାଲ୍ ଗୁଡ଼ିକ ଏବେ ବାହାରି ପଡ଼ିଥିବାରୁ ଏହା ଯାତାୟାତ ଅନୁପଯୋଗୀ ହୋଇପଡ଼ିଛି। ତଦନ୍ତରୁ ଜଣାପଡ଼ିଛି ଯେ, ଏହି ରାସ୍ତାଟି 'ଗ୍ରାମ୍ୟ ଜଙ୍ଗଲ' କିସମ ଜମିରେ ରହିଥିବାରୁ ବନ ବିଭାଗ ଓ ପ୍ରଶାସନିକ ନିୟମ ଯୋଗୁଁ ନିର୍ମାଣ କାର୍ଯ୍ୟ ଅଟକି ରହିଛି। ଶତାବ୍ଦୀ ଶତାବ୍ଦୀ ଧରି ଜନସାଧାରଣ ବ୍ୟବହାର କରୁଥିବା ଏକ ଜନପଥକୁ ଗ୍ରାମ୍ୟ ଜଙ୍ଗଲ କିସମରେ ରଖାଯିବା ଦ୍ୱାରା ଏବେ ବିକାଶରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ଜମିର କିସମ ପରିବର୍ତ୍ତନ ନ ହେବା ପର୍ଯ୍ୟନ୍ତ ଏହି ରାସ୍ତା କାମ ଶେଷ ହେବା ଅସମ୍ଭବ ମନେହେଉଛି। ମହାନଦୀ ବନ୍ଧ ସହ ଗିରିଧାରୀ ମଠ, ହରିହର ପୀଠ ଓ ଗ୍ରାମ୍ୟ ମଶାଣିକୁ ଯୋଡୁଥିବା ଏହି ଏକମାତ୍ର ସଂଯୋଗକାରୀ ରାସ୍ତାର ଉନ୍ନୟନ କାର୍ଯ୍ୟକୁ ତୁରନ୍ତ ଶେଷ କରିବା ପାଇଁ ଅଞ୍ଚଳବାସୀ ଜିଲ୍ଲା ପ୍ରଶାସନ ନିକଟରେ ଦୃଢ଼ ଦାବି କରିଛନ୍ତି।

**ଦୁର୍ଦ୍ଦଶା ଭୋଗୁଛନ୍ତି ଶ୍ରଦ୍ଧାଳୁ**



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୩.୯୮ ● ପାଉଣ୍ଡ ୧୨୫.୮୬
- ୟୁରୋ ୧୦୮.୯୯ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୪,୪୫୦ (ନୂଆଦିଲ୍ଲୀ)
- ରୁପା : ୨,୫୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୫,୨୭୩.୦୦
- ନିଫ୍ଟି ୨୩,୩୦୬.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଘରପାଖ ପାଇପ୍‌ଲାଇନ୍‌ରୁ ପିଏନ୍‌ଜି ସଂଯୋଗ ବାଧ୍ୟତାମୂଳକ

## ନଚେତ୍ ମିଳିବନି ଏଲ୍‌ପିଜି ସିଲିଣ୍ଡର



### ଟଳିନି ବିପଦ

- ୩ ଦିନରେ ସୋସାଇଟି ପାଇପ୍‌ଲାଇନ୍ ସଂଯୋଗକୁ ଅନୁମୋଦନ ଦେବାକୁ ବାଧ୍ୟ
- ପାଇପ୍‌ଲାଇନ୍ ବିଛାଇବା ଫାଇଲ୍‌କୁ ଅଟକାଇ ପାରିବେନି ସରକାରୀ ବିଭାଗ
- ଗ୍ୟାସ୍ ପାଇପ୍‌ଲାଇନ୍ ପ୍ରକଳ୍ପରେ ଜମି ମାଲିକଙ୍କ ପାଇଁ ଦୁଇଗୁଣ କ୍ଷତିପୂରଣ

**ନୂଆଦିଲ୍ଲୀ,୨୫।୩(ଏଜେନ୍ସି):** ମଧ୍ୟପ୍ରାଚ୍ୟରେ ଅସ୍ଥିରତାରେ ଦେଶରେ ଦିନକୁ ଦିନ ତୈଳ ଏବଂ ରନ୍ଧନ ଗ୍ୟାସ୍ ଉପଲବ୍ଧତାକୁ ନେଇ ଆଶାଙ୍କା ବଢ଼ିବାରେ ଲାଗିଛି। ସରକାର ନିଜ ପାଖରେ ପର୍ଯ୍ୟାପ୍ତ ତେଲ ଏବଂ ଗ୍ୟାସ୍ ଥିବା କହୁଥିବାବେଳେ ଦେଶରେ ଏଲ୍‌ପିଜି ସିଲିଣ୍ଡର ଯୋଗାଣ ସୁନିଶ୍ଚିତ କରିବା ଲାଗି କେତେକ କଠୋର ପଦକ୍ଷେପ ଘୋଷଣା କରିଛନ୍ତି, ଯାହା ସୂଚାଉଛି ଯେ, ବର୍ତ୍ତମାନ ରନ୍ଧନ ଗ୍ୟାସ୍ ସଙ୍କଟ ଟଳିନାହିଁ। ଏହି ଅନୁଯାୟୀ, ଘର ପାଖ ଦେଇ ଗ୍ୟାସ ପାଇପ୍‌ଲାଇନ ଯାଇଥିଲେ ଜଣଙ୍କୁ ପିଏନ୍‌ଜି ସଂଯୋଗ ନେବାକୁ ହେବ। ଏହା ନ କଲେ ସମ୍ପୃକ୍ତ ଏଲ୍‌ପିଜି ଉପଭୋକ୍ତାଙ୍କ ସିଲିଣ୍ଡର ଯୋଗାଣ ତିନି ମାସ ମଧ୍ୟରେ ବନ୍ଦ ହୋଇଯିବ। ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ଏବଂ ଗ୍ୟାସ ଅଭାବକୁ ଦୃଷ୍ଟିରେ ରଖି, କେନ୍ଦ୍ର ସରକାର 'ପ୍ରାକୃତିକ ଗ୍ୟାସ ଏବଂ ପେଟ୍ରୋଲିୟମ ଉତ୍ପାଦ ଆବଣ୍ଟନ ନିର୍ଦ୍ଦେଶ ୨୦୨୬' କାର୍ଯ୍ୟକାରୀ କରିଛନ୍ତି। ଏହା ଅଧୀନରେ, ପାଇପ୍‌ଯୁକ୍ତ ଗ୍ୟାସ (ପିଏନ୍‌ଜି) ସଂଯୋଗ ପାଇବା ଏବେ ବାଧ୍ୟତାମୂଳକ ହେବ। ତଥାପି, ଏଲ୍‌ପିଜି ଉପଭୋକ୍ତାଙ୍କୁ ଏକ ପୂର୍ବ ନୋଟିସ ଜାରି କରାଯିବ। ଯଦି କେହି ନୋଟିସ ପାଇବା ପରେ ମଧ୍ୟ ସଂଯୋଗ ନ ନିଅନ୍ତି, ତେବେ ୯୦ ଦିନ ପରେ ତାଙ୍କ ଘରକୁ ଏଲ୍‌ପିଜି ଯୋଗାଣ ବନ୍ଦ ହୋଇଯିବ।

ନୂତନ ନିର୍ଦ୍ଦେଶନାମ ଅନୁଯାୟୀ, ସୋସାଇଟିଗୁଡ଼ିକୁ ମଧ୍ୟ ତିନି ଦିନ ମଧ୍ୟରେ ପାଇପ୍‌ଲାଇନ୍ ସଂଯୋଗକୁ ଅନୁମୋଦନ କରିବାକୁ ପଡିବ। ପ୍ରାୟତଃ, ହାଉସିଂ ସୋସାଇଟି କିମ୍ବା ଆରଡବ୍ଲ୍ୟୁଏ(ଆବାସିକ କଲ୍ୟାଣ ସଂଘ)ର ବିରୋଧ ଯୋଗୁଁ ପାଇପଲାଇନ୍ କାମ ସ୍ଥଗିତ ହୋଇଯାଇଥିଲା। ଏହା ଆଉ ହେବ ନାହିଁ। ଯଦି କୌଣସି କମ୍ପାନୀ ପାଇପ୍‌ଲାଇନ୍ ରୁଟ୍ ପାଇଁ ଅନୁରୋଧ କରେ, ତେବେ ସୋସାଇଟିକୁ ତିନି ଦିନ ମଧ୍ୟରେ ଅନୁମୋଦନ ଦେବାକୁ ପଡିବ। ଯଦି ସୋସାଇଟି ମନା କରେ କିମ୍ବା ବିଳମ୍ବ କରେ, ତେବେ ସମସ୍ତ ପରିବାରକୁ ଏଲପିଜି ଯୋଗାଣ ବନ୍ଦ ହୋଇଯିବ। ଏହାବାଦ୍ ସରକାରୀ ବିଭାଗଗୁଡ଼ିକୁ ଆଉ ପାଇପ୍‌ଲାଇନ୍ ବିଛାଇବା ଫାଇଲ୍‌ଗୁଡ଼ିକୁ ଅଟକାଇବାକୁ ଅନୁମତି ନାହିଁ। ଛୋଟ ନେଟୱାର୍କ ପାଇଁ ୧୦ ଦିନ ମଧ୍ୟରେ ଏବଂ ବଡ଼ ଲାଇନ୍ ପାଇଁ ୬୦ଦିନ ମଧ୍ୟରେ ଅନୁମୋଦନ ବାଧ୍ୟତାମୂଳକ। ଯଦି ବିଭାଗ ନିର୍ଦ୍ଧାରିତ ସମୟ ମଧ୍ୟରେ ଉତ୍ତର ନ ଦିଏ, ତେବେ ଏହାକୁ 'ଡିମ୍‌ଡ କ୍ଲିୟରାନ୍ସ' ଭାବରେ ବିବେଚନା କରାଯିବ, ଅର୍ଥାତ୍ ସ୍ୱୟଂଚାଳିତ ଅନୁମୋଦନ ଏବଂ କାମ ଆରମ୍ଭ ହେବ। ତୃତୀୟତଃ ଗ୍ୟାସ୍ ପାଇପ୍‌ଲାଇନ୍ ପ୍ରକଳ୍ପରେ ଜମି ମାଲିକଙ୍କ ପାଇଁ ଦୁଇଗୁଣ କ୍ଷତିପୂରଣ ବ୍ୟବସ୍ଥା କରାଯାଇଛି। ଯଦି ଏକ ଗ୍ୟାସ୍ ପାଇପ୍‌ଲାଇନ୍ ଘରୋଇ ଜମି ଦେଇ ଯାଏ, ତେବେ କ୍ଷତିପୂରଣ ମାମଲା ଆଉ ବର୍ଷ ବର୍ଷ ଧରି ଲମ୍ବିବ ନାହିଁ। ଏଥିପାଇଁ ସରକାର ଏକ ସ୍ଥିର ସୂତ୍ର ବ୍ୟବସ୍ଥା କରିଛନ୍ତି। ଜମିର ବାଣିଜ୍ୟିକ ସର୍କଲ ହାରର ୩୦% କ୍ଷତିପୂରଣ ଭାବରେ ଜମି ମାଲିକଙ୍କୁ ଦିଆଯିବ। ଯଦି ଜମି ମାଲିକ ଆବେଦନ ପାଇବାର ୨୪ ଘଣ୍ଟା ମଧ୍ୟରେ ଅନୁମୋଦନ ପ୍ରଦାନ କରନ୍ତି, ତେବେ ସେମାନେ ଦୁଇଗୁଣ କ୍ଷତିପୂରଣ ପାଇବେ, ଅର୍ଥାତ୍ ୬୦%। ଯଦି ଜମି ମାଲିକ ଅନୁମୋଦନକୁ ମନା କରନ୍ତି, ତେବେ 'ନିର୍ଦ୍ଦିଷ୍ଟ ପ୍ରାଧିକରଣ' (ସଂଗ୍ରହକ କିମ୍ବା ଅନ୍ୟ ଅଧିକାରୀ) ନିଷ୍ପତ୍ତି ନେବେ।

ସରକାର ମାର୍ଚ୍ଚ ୧୪ରେ ପିଏନ୍‌ଜି ସଂଯୋଗ ସମ୍ପର୍କରେ ନୂତନ ନିୟମ ଜାରି କରିଥିଲେ। ଏହା ଅଧୀନରେ, ଯଦି ଆପଣଙ୍କ ଘରେ ପାଇପ୍ ଯୁକ୍ତ ପ୍ରାକୃତିକ ଗ୍ୟାସ (ପିଏନ୍‌ଜି) ସଂଯୋଗ ଅଛି, ତେବେ ଆପଣଙ୍କୁ ଏବେ ଆପଣଙ୍କର ଏଲ୍‌ପିଜି ସିଲିଣ୍ଡର ସମର୍ପଣ କରିବାକୁ ପଡିବ। ନୂତନ ନିର୍ଦ୍ଦେଶ ଅନୁଯାୟୀ, ପିଏନ୍‌ଜି ବ୍ୟବହାରକାରୀମାନେ ନୂତନ ଏଲ୍‌ପିଜି ସଂଯୋଗ ପାଇବେ ନାହିଁ କିମ୍ବା ସେମାନଙ୍କର ପୁରୁଣା ସିଲିଣ୍ଡରକୁ ପୁନଃପୂରଣ କରିବେ ନାହିଁ। ସରକାର ପୂର୍ବରୁ ଚାରି ଥର ଏଲ୍‌ପିଜି ସିଲିଣ୍ଡର ଯୋଗାଣ ସମ୍ପର୍କରେ ନୂତନ ନିୟମ ଜାରି କରିଛନ୍ତି।

## ଟିପିସିଓଡିଏଲ୍‌ର ନୂଆ ବୈଦ୍ୟୁତିକ ସବ୍-ଷ୍ଟୋର



**ଭୁବନେଶ୍ୱର,୨୫।୩(ସମିସ):** ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ) ପକ୍ଷରୁ କେନ୍ଦ୍ରାପଡ଼ାଠାରେ ଏକ ନୂତନ ବୈଦ୍ୟୁତିକ ସବ୍-ଷ୍ଟୋର ଉଦଘାଟିତ ହୋଇଯାଇଛି। ନିଜର ସେବା ଯୋଗାଣ ଅଞ୍ଚଳରେ ଉପଭୋକ୍ତାମାନଙ୍କୁ ଭରସାଯୋଗ୍ୟ ବିଦ୍ୟୁତ ସେବା ଯୋଗାଇଦେବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ସବ୍-ଷ୍ଟୋରକୁ ଟିପିସିଓଡିଏଲର ମୁଖ୍ୟ ପରିଚାଳନା ଅଧିକାରୀ (ସିଓଓ) ଦୁଷ୍ୟନ୍ତ କୁମାର ତ୍ୟାଗୀ କମ୍ପାନୀର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନଙ୍କ ଉପସ୍ଥିତିରେ ଉଦଘାଟନ କରିଥିଲେ। ଏହି ଅବସରରେ ସେ ଫିତା କାଟିବା ସହ ଉଦଘାଟନୀ ଫଳକକୁ ଉନ୍ମୋଚନ କରି ଆନୁଷ୍ଠାନିକ ଭାବେ ଏହି ସବ୍-ଷ୍ଟୋରକୁ ଲୋକାର୍ପିତ କରିଥିଲେ। ପାରାଦ୍ୱୀପ ସର୍କଲର ବିଦ୍ୟୁତ ବିତରଣ ବ୍ୟବସ୍ଥାକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଏହି କେନ୍ଦ୍ରାପଡ଼ା ବୈଦ୍ୟୁତିକ ସବ୍-ଷ୍ଟୋରକୁ ପ୍ରତିଷ୍ଠା କରାଯାଇଛି। ବାତ୍ୟା, ଝଡ଼ ଏବଂ କାଳବୈଶାଖୀ ଭଳି ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ଜରୁରୀ ପରିସ୍ଥିତିରେ ବିଦ୍ୟୁତ ସେବାକୁ ତୁରନ୍ତ ସ୍ୱାଭାବିକ କରିବାରେ ଏହି କେନ୍ଦ୍ର ପ୍ରମୁଖ ଭୂମିକା ଗ୍ରହଣ କରିବ। ଅତି କମ୍ ସମୟ ମଧ୍ୟରେ ୫୦ ରୁ ୬୦ଟି ଟ୍ରାନ୍ସଫର୍ମର ସ୍ଥାନାନ୍ତର କରିବା କିମ୍ବା ବଦଳାଇବା କ୍ଷମତା ଏହି ଷ୍ଟୋରରେ ରହିଛି, ଯାହାଦ୍ୱାରା ବିଦ୍ୟୁତ କାଟ୍ ଅବଧି ହ୍ରାସ ପାଇବ ଏବଂ ଉପଭୋକ୍ତାଙ୍କ ସମସ୍ୟାର ଦ୍ରୁତ ସମାଧାନ କରାଯାଇପାରିବ।

## ରାଜଧାନୀରେ ସେଞ୍ଚୁରୀ ମ୍ୟାଟ୍ରେସ୍ ଏବଂ ସୋଫାର ନୂଆ ଫ୍ଲାଗସିପ୍ ଷ୍ଟୋର



**ଭୁବନେଶ୍ୱର,୨୫।୩(ସମିସ):** ଇଣ୍ଡିଆ କା ସ୍ଲିପ୍ ସ୍ପେଶାଲିଷ୍ଟ ଭାବେ ଜଣାଶୁଣା ସେଞ୍ଚୁରୀ ମ୍ୟାଟ୍ରେସ୍ ଓଡ଼ିଶାରେ ନିରନ୍ତର ସମ୍ପ୍ରସାରଣର ଅଂଶ ସ୍ୱରୂପ ପଟିଆ-ରଘୁନାଥପୁରରେ ଏକ ନୂତନ ଷ୍ଟୋର ଶୁଭାରମ୍ଭ କରିଛି। ଅଭିନେତ୍ରୀ ଶିବାନୀ ସଂଗୀତା ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ନୂଆ ଷ୍ଟୋରର ଉଦଘାଟନ କରିଛନ୍ତି। ସେଞ୍ଚୁରୀ ମ୍ୟାଟ୍ରେସ୍ ଏବଂ ସୋଫା ପାଇଁ ଓଡ଼ିଶା ଏକ ପ୍ରମୁଖ ବଜାର ଭାବେ ଉଭା ହୋଇଛି। ପଟିଆ-ରଘୁନାଥପୁରରେ ଦ୍ରୁତ ସହରାଞ୍ଚଳର ଅଭିବୃଦ୍ଧି ଏବଂ ପ୍ରିମିୟମ୍ ହୋମ୍ ସମାଧାନ ପାଇଁ ଚାହିଦା ବୃଦ୍ଧିକୁ ନଜରରେ ରଖି ଏଭଳି ନୂଆ ଷ୍ଟୋର ଆଣିଛି କମ୍ପାନୀ। ବର୍ଦ୍ଧିତ ଆୟ ଏବଂ ସୁସ୍ଥ ନିଦ୍ରା ପ୍ରତି ଲୋକଙ୍କ ସଚେତନତା ବୃଦ୍ଧି ହୋଇଛି। ଭୁବନେଶ୍ୱର ଏବଂ କଟକ ଉଭୟ ସହର ସହ ଏହି ସ୍ଥାନଟି ସଂଯୋଗୀକରଣ ଥିବାରୁ ଏହା ବ୍ୟାପକ ଗ୍ରାହକ ଭିତ୍ତିଭୂମି (ଆବାସିକ ଏବଂ ଆତିଥ୍ୟ କ୍ଷେତ୍ର ସମେତ) ସେବା ପ୍ରଦାନ କରିବା ପାଇଁ ଉପଯୁକ୍ତ। ପୂର୍ବ ଭାରତରେ ଏହାବ୍ରାଣ୍ଡର ଉପସ୍ଥିତିକୁ ଆହୁରି ମଜବୁତ କରୁଛି। କମ୍ପାନୀ ଦେଶବ୍ୟାପୀ ୫୦୦୦ ରୁ ଅଧିକ ଷ୍ଟୋର ସହ ନେଟୱାର୍କ ଦୃଢ଼ କରିଛି। ଏହି ଲଞ୍ଚ ଏହାର ବର୍ଦ୍ଧିତ ପ୍ରତ୍ୟକ୍ଷ ଖୁଚୁରା ପାଦଚିହ୍ନକୁ ଆହୁରି ବୃଦ୍ଧି କରୁଛି।

କାର୍ଯ୍ୟକ୍ରମରେ ଯୋଗଦେଇ ସେଞ୍ଚୁରି ମ୍ୟାଟ୍ରେସେସ୍ ଏବଂ ସୋଫାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଉତ୍ତମ ମଲାନୀ କହିଛନ୍ତି, ହାଇଦ୍ରାବାଦ ବାହାରେ ଭୁବନେଶ୍ୱରରେ କମ୍ପାନୀର ପ୍ରଥମ କୋକୋ ଷ୍ଟୋର୍ ଖୋଲିବା ଏକ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ। ଏହା ପୂର୍ବ ଭାରତରେ ଆମର ଉପସ୍ଥିତିକୁ ମଜବୁତ କରିବ। ରାଜ୍ୟରେ ଆମର ଦୃଢ଼ ଉତ୍ପାଦନ କ୍ଷମତା ସହ ଓଡିଶା ଆମ ଅଭିବୃଦ୍ଧି ଯାତ୍ରାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏଠାରେ ପ୍ରାୟ ୫୦୦ ଲୋକ ନିଯୁକ୍ତ। ଏଠାରେ ମାସିକ ୨୦୦୦୦ ପର୍ଯ୍ୟନ୍ତ ମ୍ୟାଟ୍ରେସ ଉତ୍ପାଦନ କରୁଛୁ। ଆସନ୍ତା ବର୍ଷକ ମଧ୍ୟରେ ଏହି ଅଞ୍ଚଳରେ ୪ଟି କୋକୋ ଷ୍ଟୋର୍ ଆଣିବା ଯୋଜନା ରହିଛି। ଏହି ନୂଆ ଷ୍ଟୋରରେ ଗ୍ରାହକ ପ୍ରିମିୟମ୍ ଏବଂ କଷ୍ଟମାଇଜ୍ ବିକଳ୍ପ ସହ ମ୍ୟାଟ୍ରେସ ଏବଂ ସୋଫାର ଏକ ବିସ୍ତୃତ ଉତ୍ପାଦ ସମ୍ଭାର ପାଇପାରିବେ। ଏଠାରେ ପିୟୁ ରେଷ୍ଟ ଗଦି (୨୫ ବର୍ଷର ଗ୍ୟାରେଣ୍ଟି ସହ ଭାରତର ପ୍ରଥମ ଗଦି) ଭଳି ଅଭିନବ ଉତ୍ପାଦଗୁଡ଼ିକ ରହିଛି। ନୂଆ ଷ୍ଟୋର ଶୁଭାରମ୍ଭ ଅବସରରେ, ଗ୍ରାହକମାନେ ସୋଫା ଉପରେ ୫୦% ପର୍ଯ୍ୟନ୍ତ ଏବଂ ମ୍ୟାଟ୍ରେସ ଉପରେ ୨୦% ରିଆତି, ଆସେସୋରିଜ ଉପରେ ଗୋଟିଏ କିଣିଲେ ଗୋଟେ ମାଗଣା ଅଫର ଏବଂ କିଛି ସୋଫା କ୍ରୟ ଉପରେ ଅତିରିକ୍ତ ରିଆତି ପାଇପାରିବେ।

## ବେଦାନ୍ତ ଆଲୁମିନିୟମ୍‌ର ଅନ୍ତର୍ଜାତୀୟ ମହିଳା ମାସ



**ଭୁବନେଶ୍ୱର, ୨୫।୩(ସମିସ):** ଭାରତ ଅନ୍ତର୍ଜାତୀୟ ମହିଳା ମାସ ୨୦୨୬ ପାଳନ କରୁଥିବା ସମୟରେ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଓଡ଼ିଶାରେ ଏହାର କାର୍ଯ୍ୟକ୍ଷମ କ୍ଷେତ୍ରରେ ଏକ ମାସ ବ୍ୟାପୀ ସମ୍ପ୍ରଦାୟ ସମ୍ପର୍କ ଏବଂ ମହିଳା-କୈନ୍ଦ୍ରିକ ପଦକ୍ଷେପ ସମାପ୍ତ କରିଛି। ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ସଚେତନତା ଅଧିବେଶନ ଠାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ନେତୃତ୍ୱ ସ୍ୱୀକୃତି ପର୍ଯ୍ୟନ୍ତ କାର୍ଯ୍ୟକଳାପ ପରିସରଭୁକ୍ତ ହୋଇଥିଲା,ଯାହା ସାମୂହିକ ଭାବରେ ୬,୦୦୦ ରୁ ଅଧିକ ମହିଳା, କିଶୋରୀ ଝିଅ ଏବଂ ସମ୍ପ୍ରଦାୟ ସଦସ୍ୟଙ୍କ ନିକଟରେ ପହଞ୍ଚିଥିଲା। ଉତ୍ସବର ଅଂଶ ଭାବରେ ବେଦାନ୍ତ ଆଲୁମିନିୟମର ମହିଳା ପ୍ରସାରରେ କିଛି ପ୍ରମୁଖ ପଦକ୍ଷେପ ମଧ୍ୟରେ ଲାଞ୍ଜିଗଡ଼ର ୯ଟି ଗ୍ରାମ ପଞ୍ଚାୟତର ୧,୦୦୦ ରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଜିଲ୍ଲା ଶିଳ୍ପ କେନ୍ଦ୍ର ସହିତ ଉଦ୍ୟୋଗ ଯୋଜନା ଅଧିବେଶନ, ଆଗଧାଡ଼ିର ସ୍ୱାସ୍ଥ୍ୟ କର୍ମୀଙ୍କ ପାଇଁ ନେତୃତ୍ୱ ସ୍ୱୀକୃତି, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଲାଭ କରିବାକୁ ଦିଅ। ମାସବ୍ୟାପୀ କାର୍ଯ୍ୟ ସମ୍ପର୍କରେ ମତ ଦେଇ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ଯେତେବେଳେ ମହିଳାମାନେ ଉନ୍ନତି କରନ୍ତି, ସମଗ୍ର ଶିଳ୍ପ, ସମ୍ପ୍ରଦାୟ ଏବଂ ଅର୍ଥନୀତି ସେମାନଙ୍କ ସହିତ ଉନ୍ନତି କରନ୍ତି। ସେମାନଙ୍କର ପ୍ରଗତି ଭାରତରେ ଏକ ବୃହତ ପରିବର୍ତ୍ତନକୁ ପ୍ରତିଫଳିତ କରେ, ଯେଉଁଠାରେ ମହିଳାମାନେ କ୍ରମାଗତ ଭାବରେ ଜୀବିକା ନିର୍ବାହ କରୁଛନ୍ତି, ସ୍ଥାନୀୟ ମୂଲ୍ୟ ଶୃଙ୍ଖଳାକୁ ମଜବୁତ କରୁଛନ୍ତି ଏବଂ ବିଭିନ୍ନ କ୍ଷେତ୍ରରେ ନେତୃତ୍ୱ ଭୂମିକାରେ ପାଦ ଦେଉଛନ୍ତି।

## ଦୁର୍ଘଟଣା ଆହତଙ୍କ ସାମଗ୍ରୀ ଫେରାଇଲେ ୧୦୮ ଆମ୍ବୁଲାନ୍ସ କର୍ମଚାରୀ



**ଭୁବନେଶ୍ୱର,୨୫।୩(ସମିସ):** ବ୍ରହ୍ମପୁର ସହର ଉପକଣ୍ଠ ଗୋପାଳପୁର ଜଙ୍କସନ ପେଟ୍ରୋଲ ପମ୍ପ ନିକଟରେ ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ୧୦୮ ଆମ୍ବୁଲାନ୍ସରେ ବ୍ରହ୍ମପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେହି ବ୍ୟକ୍ତିଙ୍କ ନିକଟରୁ ମିଳିଥିବା ମୋବାଇଲ, ଚାର୍ଜର ଏବଂ ହାତଘଣ୍ଟାକୁ ୧୦୮ ଆମ୍ବୁଲାନ୍ସରେ କାର୍ଯ୍ୟରତ ଇଏମ୍‌ଟି ଶିବରାମ ଜେନା, ଡ୍ରାଇଭର ପ୍ରଭାତ କୁମାର ପାତ୍ର ଏବଂ ହେଲ୍ପର ତାରିଣୀ ନାୟକ ଡାକ୍ତରଖାନା ପରିସରରେ ଥିବା ଫାଣ୍ଡିକୁ ଯାଇ ଫାଣ୍ଡି ଅଧିକାରୀଙ୍କୁ ହସ୍ତାନ୍ତର କରିଥିଲେ। ଉକ୍ତ ମାନବୀୟ କାର୍ଯ୍ୟ ପାଇଁ ଫାଣ୍ଡି ଅଧିକାରୀ ଏବଂ ମେଡିକାଲ କର୍ତ୍ତୃପକ୍ଷ ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି।

## ଭୁବନେଶ୍ୱରରେ ନୂତନ 'ସ୍କୋଡା କୁଶାକ୍'ର ସ୍ୱତନ୍ତ୍ର ପ୍ରଦର୍ଶନ



**ଭୁବନେଶ୍ୱର,୨୫।୩(ସମିସ):** ଅଟୋମୋବାଇଲ୍ ଡିଲରସିପ୍ 'ଏମ୍ପ୍ରିଓ ସ୍କୋଡା' ପକ୍ଷରୁ ଆଜି ଭୁବନେଶ୍ୱରରେ ନୂତନ 'ସ୍କୋଡା କୁଶାକ୍'ର ଏକ ସ୍ୱତନ୍ତ୍ର ପ୍ରିଭ୍ୟୁ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଏମ୍ପ୍ରିଓ ସ୍କୋଡାର ଅଧ୍ୟକ୍ଷ ଗଙ୍ଗାଧର ସାମଲ, ଏମ୍‌ଡି ଡଃ ଅବିନାଶ ସାମଲ, ଏମ୍ପ୍ରିଓ ଗ୍ରୁପ୍‌ର ସିଇଓ ପାର୍ଥସାରଥୀ ଗୁରୁ ଏବଂ ସ୍କୋଡା ଅଟୋ ଇଣ୍ଡିଆର ଆଞ୍ଚଳିକ ବିକ୍ରିପରିଚାଳକ ପ୍ରଦୀପ କେମ୍ପାନା ଶୁଭାରମ୍ଭ କରିଥିଲେ। ପରେ ଏମ୍ପ୍ରିଓ ସ୍କୋଡାର ବିଜନେସ୍ ହେଡ୍ ପ୍ୟାରୀମୋହନ ଜେନା ଏବଂ ସେଲ୍ସ ମ୍ୟାନେଜର ରଞ୍ଜନ ଘଡ଼େଇଙ୍କ ଦ୍ୱାରା ଗାଡ଼ିର ଆନୁଷ୍ଠାନିକ ଅନାବରଣ କରାଯାଇଥିଲା। ନୂତନ ସ୍କୋଡା କୁଶାକ୍‌ର ପ୍ରମୁଖ ଆକର୍ଷଣ ଏହାର ପ୍ରିମିୟମ୍ ଡିଜାଇନ୍ ଯାହା ମଧ୍ୟରେ ରହିଛି ଆଧୁନିକ ଫ୍ରଣ୍ଟ ଏବଂ ରିୟର ଡିଜାଇନ୍ ସହ ଏଲଇଡି ହେଡ୍‌ଲ୍ୟାମ୍ପ, ସିକୁଏନ୍ସିଆଲ୍ ଟର୍ଣ୍ଣ ଇଣ୍ଡିକେଟର ଏବଂ ଇଲେକ୍ଟ୍ରିକ୍ ସନରୁଫ୍ ଭଳି ସୁବିଧା। ପ୍ରଥମ କରି ଏହି ସେଗମେଣ୍ଟରେ 'ରିୟର ସିଟ୍ ମସାଜର୍' ର ସୁବିଧା ମଧ୍ୟ ଦିଆଯାଇଛି। ଗ୍ଲୋବାଲ୍ ଏନସିଏପ ରେ ୫-ଷ୍ଟାର୍ ରେଟିଂ ପାଇଥିବା ଏହି ଗାଡ଼ିରେ ୪୦ରୁ ଅଧିକ ସୁରକ୍ଷା ଫିଚର୍ ରହିଛି। ନୂତନ ସ୍କୋଡା କୁଶାକ୍ ୧.୦ ଟିଏସଆଇ ରେଞ୍ଜ୍ ୧୦,୬୯,୦୦୦ ଟଙ୍କାରୁ ଆରମ୍ଭ ହେଉଥିବାବେଳେ, ଶକ୍ତିଶାଳୀ ୧.୫ ଟିଏସଆଇ ଭାରିଆଣ୍ଟର ମୂଲ୍ୟ ୧୮,୬୯,୦୦୦ ଟଙ୍କାରୁ ଆରମ୍ଭ ହେଉଛି।

## ଅରୁନ୍ଧତୀ ଜୁଏଲର୍ସର ଅଭିନବ 'ଆଡଭାନ୍ସ ଫ୍ଲେକ୍ସି ଗୋଲ୍ଡ ବୁକିଂ' ଅଫର

**ଭୁବନେଶ୍ୱର,୨୫।୩(ସମିସ):** ଅଳଙ୍କାର ପ୍ରତିଷ୍ଠାନ 'ଅରୁନ୍ଧତୀ ଜୁଏଲର୍ସ' ପ୍ରତ୍ୟେକ ଉତ୍ସବରେ ଓଡ଼ିଶାବାସୀଙ୍କ ପାଇଁ ନୂଆ ନୂଆ ଅଫର ଓ ଆକର୍ଷଣୀୟ ଉପହାର ଭେଟି ଦେଇଆସିଛି। ବର୍ତ୍ତମାନ ସୁନା ଦରରେ ଦେଖାଯାଉଥିବା ଅସ୍ଥିରତାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଅକ୍ଷୟ ତୃତୀୟା ଅବସରରେ ଅରୁନ୍ଧତୀ ଜୁଏଲର୍ସ ତରଫରୁ ଘୋଷଣା କରାଯାଇଛି ସ୍ୱତନ୍ତ୍ର 'ସ୍ୱର୍ଣ୍ଣ ଅକ୍ଷୟ' ଅଫର, ଯେଉଁଠି ଗ୍ରାହକଙ୍କୁ ମିଳିବ 'ଆଡଭାନ୍ସ ଫ୍ଲେକ୍ସି ଗୋଲ୍ଡ ବୁକିଂ'ର ସୁବିଧା। ୧୮ ମାର୍ଚ୍ଚରୁ ୧୫ ଏପ୍ରିଲ ପର୍ଯ୍ୟନ୍ତ ଉପଲବ୍ଧ ହେବାକୁ ଥିବା ଏହି ଅଫର୍ ଜରିଆରେ ଗ୍ରାହକମାନେ ମାତ୍ର ୧୦% ଅଗ୍ରୀମ ମୂଲ୍ୟ ଦେଇ ନିଜ ପସନ୍ଦର ଗହଣା ବୁକିଂ କରିବା ସହ ସୁନାର ସର୍ବନିମ୍ନ ବଜାର ଦରର ଲାଭ ପାଇପାରିବେ। ଏହାସହିତ ପ୍ରତ୍ୟେକ ଫ୍ଲେକ୍ସି ବୁକିଂ ଉପରେ ଗ୍ରାହକମାନେ ସୁନିଶ୍ଚିତ ହୀରା ମୁଦି କିମ୍ବା ସ୍ୱର୍ଣ୍ଣ ମୁଦ୍ରା କିମ୍ବା ରୌପ୍ୟ ମୁଦ୍ରା ଭଳି ଆକର୍ଷଣୀୟ ଉପହାର ମଧ୍ୟ ପାଇପାରିବେ। ଏହି ଅଫରର ମୁଖ୍ୟ ବିଶେଷତ୍ୱ ହେଉଛି ସୁନା ଗହଣା ନେବା ସମୟରେ ବଜାରରେ ସୁନା ଦର ବୃଦ୍ଧି ପାଏ, ତେବେ ଗ୍ରାହକଙ୍କୁ ବୁକିଂ ଦିନର କମ୍ ଦର ଦେବାକୁ ପଡ଼ିବ। ଅପରପକ୍ଷେ, ଯଦି ସୁନା ଦର କମିଥାଏ, ତେବେ ଗ୍ରାହକମାନେ ସେହି କମିଥିବା ନୂଆ ଦରରେ ନିଜର ଅଳଙ୍କାର କିଣିପାରିବେ। ଏହି ଅବସରରେ ଅରୁନ୍ଧତୀ ଗ୍ରୁପର ଏମ୍‌ଡି ବ୍ରହ୍ମାନନ୍ଦ ମେହେର କହିଛନ୍ତି ଯେ, ବର୍ତ୍ତମାନ ସମୟରେ ସୁନା ଦରରେ ଦେଖାଦେଉଥିବା ଅସ୍ଥିରତା ଗ୍ରାହକଙ୍କ ପାଇଁ ଏକ ବଡ଼ ଚିନ୍ତାର ବିଷୟ ପାଲଟିଛି। ଅକ୍ଷୟ ତୃତୀୟା ଭଳି ଏକ ପବିତ୍ର ଦିନରେ ଗ୍ରାହକଙ୍କୁ କୌଣସି ଆର୍ଥିକ କ୍ଷତିର ସମ୍ମୁଖୀନ ହେବାକୁ ନ ପଡୁ ଏହା ହିଁ ଆମର ମୁଖ୍ୟ ଲକ୍ଷ୍ୟ।

Arundhati JEWELLERS
ODISHA'S LARGEST JEWELLERY BRAND

## ଇଣ୍ଡିଆ ଇଣ୍ଟରନ୍ୟାସନାଲ ମେଗା ଟ୍ରେଡ୍ ଫେୟାର ଏବଂ ହୋମ୍ ଆଣ୍ଡ ଡେକୋର ଏକ୍ସପୋ ୨୭ରୁ




**ଭୁବନେଶ୍ୱର, ୨୫।୩(ସମିସ):** ଜିଏସ୍. ମାର୍କେଟିଂ ଆସୋସିଏସଟ୍ସ ଏବଂ ଓଡ଼ିଶା ଡେଭଲପର୍ସ ଫେଡେରେସନ୍ (ଓଡିଫେଡ୍) ପକ୍ଷରୁ ୧୯ତମ 'ଇଣ୍ଡିଆ ଇଣ୍ଟରନ୍ୟାସନାଲ ମେଗା ଟ୍ରେଡ୍ ଫେୟାର (ଆଇଆଇଏମଟିଏଫ) ଏବଂ ହୋମ୍ ଆଣ୍ଡ ଡେକୋର ଏକ୍ସପୋ ୨୦୨୬' ଭୁବନେଶ୍ୱର ୟୁନିଟ୍-୩ ସ୍ଥିତ ଇଡକୋ (ଇଡକୋ) ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପ୍ରଦର୍ଶନୀ ମାର୍ଚ୍ଚ ୨୭ରୁ ଏପ୍ରିଲ ୪ ପର୍ଯ୍ୟନ୍ତ ଚାଲିବ। ଏହି ପ୍ରଦର୍ଶନୀକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଉଦଘାଟନ କରିବେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ, ବିଧାୟକ ଏକାମ୍ର, ବିଜେପି ନେତା ଇଂ ଜଗନ୍ନାଥ ପ୍ରଧାନ, ବରିଷ୍ଠ ବିଜେପି ନେତା ଏବଂ ବିଏମ୍‌ସି କମିସନର ଉପାଧ୍ୟକ୍ଷ ଚଞ୍ଚଳ ରାଣା ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ଓଡ଼ିଫେଡ୍ ସମ୍ପାଦକ ଇଂ. ଉମେଶ ପଟ୍ଟନାୟକ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଏହି ଅବସରରେ ଓଡିଫେଡ୍‌ର ଉପସଭାପତି ସୂର୍ଯ୍ୟକାନ୍ତ ନନ୍ଦ ଏବଂ ଜିଏସ୍ ମାର୍କେଟିଂ ଆସୋସିଏସଟ୍‌ସର ସଭାପତି ଅମିତାଭ ଘୋଷ ପ୍ରମୁଖ ଉପସ୍ଥିତ ଥିଲେ।

## ତେଲ କମ୍ପାନୀକୁ ତେଲ ଅଭାବ

# ୩୫ ଦିନ ବନ୍ଦ ରହିବ ନାଏରା ଏନର୍ଜୀ

**ନୂଆଦିଲ୍ଲୀ,୨୫।୩(ଏଜେନ୍ସି):** ଇରାନ-ଇସ୍ରାଏଲ/ଆମେରିକା ଯୁଦ୍ଧ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ସୃଷ୍ଟି କରିଛି। ହରମୁଜ୍ ପ୍ରଣାଳୀ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି। ଇରାନ ଏହା ଦେଇ ଯାଉଥିବା ଅଧିକାଂଶ ତୈଳ ଏବଂ ଗ୍ୟାସ ଜାହାଜକୁ ଅବରୋଧ କରିଛି। ଏହା ଭାରତ ସମେତ ବିଶ୍ୱର ଅନେକ ଦେଶକୁ ତେଲ ଏବଂ ଗ୍ୟାସ ଯୋଗାଣ ହ୍ରାସ କରିଛି। ଯୋଗାଣ ଅଭାବ ମଧ୍ୟରେ ଦେଶର ଏକ ପ୍ରମୁଖ ତୈଳ କମ୍ପାନୀକୁ ଝଟ୍‌କା ଲାଗିଛି। ରୁଷୀୟ ତୈଳ କମ୍ପାନୀ ରୋସନେଫ୍ଟ ଦ୍ୱାରା ସମର୍ଥିତ ନାଏରା ଏନର୍ଜି ଏପ୍ରିଲ ଆରମ୍ଭରୁ ପ୍ରାୟ ୩୫ ଦିନ ପାଇଁ ଏହାର କାର୍ଯ୍ୟ ବନ୍ଦ କରିବାକୁ ଯାଉଛି। ଇରାନ ଯୁଦ୍ଧ ଯୋଗୁଁ ଅଶୋଧିତ ତୈଳ, ପ୍ରାକୃତିକ ଗ୍ୟାସ ଏବଂ ଏଲପିଜି ଆମଦାନୀରେ ପୂର୍ବରୁ ଗୁରୁତ୍ୱପୂର୍ଣ୍ଣ ବାଧା ସୃଷ୍ଟି ହୋଇଥିବା ବେଳେ, ଏହି ନିଷ୍ପତ୍ତି ଭାରତର ଘରୋଇ ଇନ୍ଧନ ଯୋଗାଣ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ସୃଷ୍ଟି କରିପାରେ। ନାୟାରା ଏନର୍ଜିର ସାରା ଦେଶରେ ବହୁ ସଂଖ୍ୟକ ପେଟ୍ରୋଲ ପମ୍ପ ରହିଛି। ଏପରି ପରିସ୍ଥିତିରେ ଏହି ପେଟ୍ରୋଲ ପମ୍ପଗୁଡ଼ିକ ତେଲ ଯୋଗାଣ ଜନିତ ଅଭାବ ଅନୁଭବ କରିପାରନ୍ତି। ନାୟାରା ଏନର୍ଜି ଗୁଜୁରାଟର ଭାଡିନାରରେ ଅବସ୍ଥିତ। ଏହା ଦେଶର ଦ୍ୱିତୀୟ ସର୍ବବୃହତ ରିଫାଇନାରୀ ଯାହାର ବାର୍ଷିକ କ୍ଷମତା ୨୦ ନିୟୁତ ଟନ୍। ରିପୋର୍ଟ ଅନୁଯାୟୀ, ଏହାର ବନ୍ଦ ହେବା ଫଳରେ ଭାରତର ମୋଟ ତୈଳ ବିଶୋଧନ କ୍ଷମତାର ପ୍ରାୟ ୮% ହ୍ରାସ ପାଇବ।

> **ଦେଶର ପ୍ରମୁଖ ତୈଳ ବିଶୋଧନାଗାର ଠପ୍**

ବର୍ତ୍ତମାନ କୁହାଯାଉଛି ଯେ, ରକ୍ଷଣାବେକ୍ଷଣ କାର୍ଯ୍ୟ ଯୋଗୁଁ ନାଏରା ରିଫାଇନାରୀ ୩୫ ଦିନ ପାଇଁ ବନ୍ଦ ରହିବ। ୟୁରୋପୀୟ ପ୍ରତିବନ୍ଧକ ଯୋଗୁଁ ଗତ ବର୍ଷ ଏହି ରିଫାଇନାରୀର ରକ୍ଷଣାବେକ୍ଷଣ କାର୍ଯ୍ୟ ସ୍ଥଗିତ ରଖାଯାଇଥିଲା। ରକ୍ଷଣାବେକ୍ଷଣ ପାଇଁ ଆବଶ୍ୟକ ରାସାୟନିକ ଯୋଗାଣ କରୁଥିବା ୟୁରୋପୀୟ ବିକ୍ରେତାମାନେ ନାଏରା ସହିତ କାମ କରିବାକୁ ମନା କରିଦେଇଥିଲେ। ଉତ୍ପାଦନ ବନ୍ଦ ପାଇଁ ବର୍ତ୍ତମାନ କମ୍ପାନୀ ଆବଶ୍ୟକ ପ୍ରସ୍ତୁତି ସମାପ୍ତ କରିଛି। ନାଏରା ଏନର୍ଜି ଏହାର ଅଧିକାଂଶ ଉତ୍ପାଦନ ଘରୋଇ ବଜାରରେ ବିକ୍ରି କରେ। ସାରା ଦେଶରେ ଏହାର ପ୍ରାୟ ୭୦୦୦ ପେଟ୍ରୋଲ ପମ୍ପ ରହିଛି। ଏହା ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକୁ ମଧ୍ୟ ଇନ୍ଧନ ଯୋଗାଣ କରେ। ଏପରି ପରିସ୍ଥିତିରେ ଏହି ରିଫାଇନାରୀ ବନ୍ଦ ହେବା ଘରୋଇ ବଜାରରେ ତେଲ ଏବଂ ଗ୍ୟାସ ଉପଲବ୍ଧତାକୁ ଆହୁରି ପ୍ରଭାବିତ କରିପାରେ। ଆଉ ଏକ ସୂତ୍ର ଅନୁଯାୟୀ, କାର୍ଯ୍ୟ ବନ୍ଦ ପର୍ଯ୍ୟାପ୍ତ କମ୍ପାନୀ ପର୍ଯ୍ୟାପ୍ତ ମାତ୍ରାରେ ବଫର ଷ୍ଟକ୍ ଏବଂ ତୈଳ ସଂରକ୍ଷିତ ରଖିଛି। ଏଥିଯୋଗୁ କମ୍ପାନୀର ପେଟ୍ରୋଲ ପମ୍ପରେ ଇନ୍ଧନର ଅଭାବ ନ ହୁଏ ଏବଂ ଯୋଗାଣ ସୁଗମ ରହିଥାଏ।

